

ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।

-ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ



### ଅଦା ବୋଝେଇ ଟ୍ରକ ଅପହରଣ ମାମଲା
### ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବୈପାରୀଗୁଡ଼ା, ୩୧।୧୦ (ଡି.ଏନ୍.ଏ): ଏକ ଅଦା ବୋଝେଇ ଟ୍ରକ୍ ଅପହରଣ ମାମଲାରେ ବୈପାରୀଗୁଡ଼ା ପୋଲିସ ବୁଧବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୈପାରୀଗୁଡ଼ା ଥାନା ଚନ୍ଦ୍ରପଡ଼ା ଗ୍ରାମର ହରିବନ୍ଧୁ ଖରା (୨୬) ବୈପାରୀଗୁଡ଼ା କାଠମିଲ୍ ସାହିର ତ୍ରିନାଥ ଶଗରିଆ (୨୬) ଏବଂ କୁନ୍ଦୁରା ଥାନା କୁନ୍ଦୁରା ଗ୍ରାମର ଘାସି ହରିଜନ। ସେମାନଙ୍କ ପାଖରୁ ୩ ଟି ବାଇକ୍ ,ଲୁହାରଡ୍, ଛୁରୀ ଆଦି ମାରଣାସ୍ତ୍ର ଜବତ କରାଯାଇଥିବା ଥାନା ଅଧିକାରୀ ଅମିତାଭ ଦାସ ସୂଚନା ଦେଇଛନ୍ତି। ଅନ୍ୟ ୪ ଅଭିଯୁକ୍ତ ଫେରାର୍ ଥିବା ସେ କହିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ନନ୍ଦପୁର, ୩୧।୧୦(ଡି.ଏନ୍.ଏ)- କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ କସନ୍ଦି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୁରୁ ପାଙ୍ଗିଙ୍କ ବୁଧବାର ନିଜ ଗାଁ ଗୁଡ଼ିଚୁଆରେ ପରଲୋକ ଘଟିଛି। ଗୁରୁ ପାଙ୍ଗି ଏକ ଦଶନ୍ଧି ଧରି ସରପଞ୍ଚ ଭାବେ ନିର୍ବାଚିତ ହୋଇ ଲୋକଙ୍କ ହିତରେ କାର୍ଯ୍ୟ କରୁଥିଲେ। ସେ ଗତ ଏକ ବର୍ଷ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ବହୁଲୋକ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି।

### କ୍ୟାମେରାମ୍ୟାନ୍‌ଙ୍କ ଉପରେ ମାଓବାଦୀଙ୍କ ଆକ୍ରମଣକୁ ନିନ୍ଦା

ଜୟପୁର,୩୧।୧୦(ନି.ପ୍ର.): ଛତିଶଗଡ଼ ଦାନ୍ତେୱାଡ଼ାରେ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ମାଓବାଦୀଙ୍କ ଆକ୍ରମଣରେ ଦୁରଦର୍ଶନ କ୍ୟାମେରା ମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ନିହତରେ ଜୟପୁର ଖବରଦାତାଙ୍କ ତରଫରୁ ଦୁଖଃ ପ୍ରକାଶ କରାଯିବା ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଘଟଣାକୁ ଦୃଢ଼ ନିନ୍ଦା କରାଯାଇଛି। ଖବରଦାତାମାନେ ଉପାନ୍ତ ଅଞ୍ଚଳରେ କାର୍ଯ୍ୟ କରୁଥିବାବେଳେ ସେମାନଙ୍କୁ ସୁରକ୍ଷା ଦେବାକୁ ଦାବି ହୋଇଛି।

### ସୁନାବେଡ଼ା ଥାନାରେ ଆମ ପୋଲିସ କାର୍ଯ୍ୟକ୍ରମ



ସୁନାବେଡ଼ା,୩୧।୧୦: ସୁନାବେଡ଼ା ଥାନାରେ ଅଧିକାରୀ ମମତା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଏସ୍ଆଇ ବଙ୍କିମ ବାଓ୍ୱାଲି, ଏଏସ୍ଆଇ ସନ୍ତୋଷ ପାତ୍ର, ଏସ୍ଆଇ ଇଗ୍ନେଶ ବାରଲା, ଏଏସ୍ଆଇ ପ୍ରଫୁଲ୍ଲ ପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ କାଉନ୍ସିଲର ପୂର୍ଣ୍ଣଚନ୍ଦ୍ର ମହାନ୍ତି, କୁନା ପାଣିଗ୍ରାହୀ ଏବଂ ବର୍ତ୍ତମାନ ୬ ନମ୍ବର ୱାର୍ଡର କାଉନସିଲର ମିନତି ମିଶ୍ର ଓ ସହରର ଅନେକ ବରିଷ୍ଠ ନାଗରିକ, ବୃଦ୍ଧିଜୀବୀଙ୍କ ଉପସ୍ଥିତିରେ ସୁନାବେଡ଼ା ସହରର ହାଲଚାଲ ଆଲୋଚନା କରାଯାଇଥିଲା। ଆଇଆଇସି ମମତା ପାଣିଗ୍ରାହୀ ସହରରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ସମସ୍ତଙ୍କୁ ପୋଲିସ ସହ ଯୋଗାଯୋଗ ରଖିବା ପାଇଁ ଅନୁରୋଧ କରିଛନ୍ତି। ନିକଟରେ ଦୀପାବଳି ଉତ୍ସବ ଥିବାରୁ ରାତି ୮ରୁ ୧୦ ଟା ଭିତରେ ବାଣ ଫୁଟାଇବାକୁ ପରାମର୍ଶ ଦେଇଛନ୍ତି। ଏହା ସୁପ୍ରିମକୋର୍ଟ ଆଦେଶ ବୋଲି କହିଛନ୍ତି। ବୁଧବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଷ୍ଟାଚ୍ୟୁ ଅଫ୍ ୟୁନିଟ୍ ଉଦ୍‌ଘାଟିତ ହୋଇଥିବାରୁ ଦେଶର ଏକତା ଓ ଅଖଣ୍ଡତା ବଜାଇ ରଖିବା ପାଇଁ ସମସ୍ତେ ମଣି ସପଥ ପାଠ କରିଥିଲେ। ଶେଷରେ ସନ୍ତୋଷ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

■ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟଣା

# ଦୋଷକଲା କିଏ, ଦଣ୍ଡଭୋଗୁଛନ୍ତି ଗ୍ରାମବାସୀ

ବୈପାରୀଗୁଡ଼ା, ୩୧।୧୦ (ଡି.ଏନ୍.ଏ)

■ ୩ ଦିନ ହେଲା ଅନ୍ଧାରରେ ବାତ୍ରିପୁଟ

■ ସଂଯୋଗ ଦେବାକୁ ମନାକଲା ବିଦ୍ୟୁତ୍ ବିଭାଗ

ସ୍ଥାନୀୟ ବିଦ୍ୟୁତ୍ ବିଭାଗର ଅଜବ ନୀତି। ପ୍ରକୃତ ଅଭିଯୁକ୍ତଙ୍କ ବଦଳରେ ଶାସ୍ତି ପାଉଛନ୍ତି ବାତ୍ରିପୁଟ ଗ୍ରାମବାସୀ। ୩ ଦିନ ହେବ ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବେଳେ ଗ୍ରାମ ଲୋକେ ହନ୍ତସନ୍ତ ହେଉଛନ୍ତି। ସୋମବାର ରାତିରେ ବାତ୍ରିପୁଟ ଗ୍ରାମ ନିକଟସ୍ଥ ପାହାଡ଼ରେ ବାର୍‌ହା ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେହି ଗ୍ରାମର ଅର୍ଜୁନ କୁମ୍ଭାର (୬୦) ମୃତ୍ୟୁବରଣ କରିଥିଲେ। ଏଠାରେ ୧୧ କେଭି ବିଦ୍ୟୁତ୍ ତାରରୁ ହୁକ୍ ପକାଇ କରେଣ୍ଟ ଚାର୍ଜ କରାଯାଇଥିଲା। ତେବେ ମୃତକଙ୍କ ପରିବାର ଲୋକେ ଅଭିଯୁକ୍ତଙ୍କ ସମ୍ପର୍କରେ ସ୍ପଷ୍ଟ ଭାବେ ସୂଚନା ଦେଇ ନ ଥିବାବେଳେ ପୋଲିସ ପକ୍ଷରୁ ଏ ନେଇ ମଧ୍ୟ କିଛି ସ୍ପଷ୍ଟ କରାଯାଇନାହିଁ। ଉକ୍ତ ଘଟଣାରେ ଗ୍ରାମର କେଉଁ ଲୋକମାନେ ସମ୍ପୃକ୍ତ ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ଅପରପକ୍ଷେ ଘଟଣା ପରଠାରୁ ବାତ୍ରିପୁଟ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଗାଁରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ପରିବାର ବିଦ୍ୟୁତ୍ ଉପଭୋକ୍ତା ଅଛନ୍ତି। ସେମାନେ ୩ ଦିନ ହେବ ଅନ୍ଧାରରେ ଛଟପଟ ହେଉଛନ୍ତି। ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚାର୍ଜ ଅଭାବରୁ ମୋବାଇଲ୍ ଫୋନ୍ ସବୁ ଅଚଳ ହୋଇପଡିଛି। ଏ ନେଇ ଗ୍ରାମବାସୀ ବୁଧବାର ବୈପାରୀଗୁଡ଼ା ବିଦ୍ୟୁତ୍ ବିଭାଗର କନିଷ୍ଠଯନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିଲେ। କିନ୍ତୁ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ତାଙ୍କ ନିକଟରେ ଅଜବ ସର୍ତ୍ତ ରଖିବା ଅଭିଯୋଗକାରୀ କହିଛନ୍ତି। ଏଥିରେ ସଂପୃକ୍ତ ଅଭିଯୁକ୍ତମାନଙ୍କ ନାମ ପ୍ରକାଶ କରିବା ଏବଂ ଭବିଷ୍ୟତରେ କୌଣସି ଏପରି ଅଘଟଣ ଘଟିଲେ ସେମାନେ ଦାୟୀ ରହିବା ଲିଖିତ ପ୍ରତିଶ୍ରୁତି ଦେଲେ ଉକ୍ତ ଗାଁକୁ ବିଦ୍ୟୁତ୍ ସଂଯୋଗ କରାଯିବ। କିନ୍ତୁ ଗ୍ରାମବାସୀ ଏଥିରେ ରାଜି ହୋଇ ନ ଥିଲେ। ସେମାନଙ୍କ କହିବା କଥା, ଯେଉଁମାନେ ଦୋଷୀ ସେମାନଙ୍କୁ ଶାସ୍ତି ଦେବା ପ୍ରଶାସନର କାମ, କିନ୍ତୁ ଏଥିରେ ଗ୍ରାମବାସୀଙ୍କୁ ଛନ୍ଦିଦେବା ଉଚିତ୍ ହେଉନାହିଁ। ଏ ସମ୍ପର୍କରେ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ, ଗାଁ ଲୋକେ ଲିଖିତ ପ୍ରତିଶ୍ରୁତି ଦେବାର ଅସୁବିଧା କେଉଁଠି ରହିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଘଟଣା ଘଟିଥିବା ନିକଟବର୍ତ୍ତୀ ଅଞ୍ଚଳରେ ବିଏସ୍ଏଫ୍ ଯବାନମାନେ ଚଳପ୍ରଚଳ କରନ୍ତି। ପୂର୍ବରୁ ଏପରି ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯବାନଙ୍କ ସମ୍ମୁଖରେ ଯାଉଥିବା ଏକ କୁକୁରର ମୃତ୍ୟୁ ଘଟିଥିବା ଗ୍ରାମବାସୀ କହିଛନ୍ତି।




କାର୍ଯ୍ୟକ୍ରମରେ କଂଗ୍ରେସର କର୍ମକର୍ତ୍ତା।

# କଂଗ୍ରେସର 'ମୋ ବୁଥ, ମୋ ଗୌରବ' କାର୍ଯ୍ୟକ୍ରମ ଶୁଭାରମ୍ଭ

■ ସିବିଆଇ ସଂସ୍ଥା ଉପରେ ଭାଜପା ଆକ୍ରମଣ କରୁଛି

ଜୟପୁର,୩୧।୧୦(ଡି.ଏନ.ଏ/ନି.ପ୍ର)

କୋରାପୁଟ ଜିଲାରେ କଂଗ୍ରେସର 'ମୋ ବୁଥ୍, ମୋ ଗୌରବ', ଶକ୍ତି ଏବଂ ସୋସିଆଲ ମିଡିଆ କାର୍ଯ୍ୟକ୍ରମ ଜୟପୁରଠାରେ ଶୁଭାରମ୍ଭ ହୋଇଛି। ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲା ଦାୟିତ୍ୱରେ ଥିବା ରାଜ୍ୟ ପ୍ରଭାରୀ ତଥା ପୂର୍ବତନ ଏମ୍‌ପି ନକୁଳ ନାୟକ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଛନ୍ତି। ସିବିଆଇ ପରି ସଂସ୍ଥା ଉପରେ ଭାଜପା ଆକ୍ରମଣ କରୁଛି। ଏହା ସହ ଆର୍‌ବିଆଇରେ ମଧ୍ୟ ଭାଜପା ହସ୍ତକ୍ଷେପ କରୁଛି ବୋଲି ପୂର୍ବତନ ଏମ୍‌ପି ନାୟକ ଅଭିଯୋଗ କରିଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ଦଳୀୟ ଯୋଜନା ଭାବେ ବ୍ୟବହାର କରୁଛନ୍ତି। ତେଣୁ ସୋସିଆଲ ମିଡିଆ ମାଧ୍ୟମରେ ସତ୍ୟ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ କଂଗ୍ରେସ ପକ୍ଷରୁ ଶକ୍ତି ଓ ସୋସିଆଲ ମିଡ଼ିଆ ମାଧ୍ୟମରେ ପ୍ରଚାର ଓ ପ୍ରସାର କରିବା ପାଇଁ ଏହି ପଦକ୍ଷେପ ହାତକୁ ନିଆଯାଇଛି ବୋଲି ସେ କହିଛନ୍ତି। ପ୍ରତ୍ୟେକ ବୁଥ୍‌ରେ କମିଟି ଗଠନ କରାଯାଇ ଉକ୍ତ ବୁଥ୍‌ର ସଦସ୍ୟ ବୁଥର ନେତା ଭାବେ କାର୍ଯ୍ୟ କରିବେ ବୋଲି ପୂର୍ବତନ ଏମ୍‌ପି ନାୟକ ମତପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ତାରା ପ୍ରସାଦ ବାହିନୀପତି, ଚନ୍ଦ୍ର ଶେଖର ମାଝି, କୈଳାସ କୁଲସିକା, ରାଜ୍ୟ ସେବାଦଳ ମୁଖ୍ୟ ବୀରେନ୍ ପଟ୍ଟନାୟକ, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ନିମାଇଁ ସରକାର, ଚନ୍ଦ୍ରମା ସାନ୍ତା, ଜିଲା କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି କାର୍ଯ୍ୟକ୍ରମକୁ ଜିଲା ଉପସଭାପତି ବିନୋଦ ମହାପାତ୍ର ପରିଚାଳନା କରିଥିଲେ। ଶକ୍ତି ଓ ସୋସିଆଲ ମେଡ଼ିଆ ଯୋଜନାର ରାଜ୍ୟ ଦାୟିତ୍ୱରେ ଥିବା ବିସ୍ମୟ ମହାପାତ୍ର, ଦକ୍ଷିଣାଞ୍ଚଳର ଦାୟିତ୍ୱରେ ଥିବା ପବଦ ଶର୍ମା ଏବଂ ପିସିସି ଜୋନ ଦାୟିତ୍ୱରେ ଥିବା ଟୁନା ମହାପାତ୍ର ପ୍ରମୁଖ ପ୍ରୋଜେକ୍ଟର ମାଧ୍ୟମରେ ମିଶନ -୨୦୧୯ ନେଇ ବୁଝାଇଥିଲେ।

# ବିଡିଓଙ୍କୁ ଭାଜପାର ୧୨ ଦଫା ଦାବିପତ୍ର

ପଟ୍ଟାଙ୍ଗି,୩୧।୧୦(ଡି.ଏନ.ଏ)



ଭାଜପା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପଟ୍ଟାଙ୍ଗି ଭାଜପା ପକ୍ଷରୁ ବୁଧବାର ଏକ ପ୍ରତିବାଦ ସଭା ତଥା ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାଜପା ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଦଳୀୟ କର୍ମୀଙ୍କ ସମେତ କିଛି ଗ୍ରାମବାସୀ ବ୍ଲକ୍‌ର ଲ୍ୟାମ୍ପ କାର୍ଯ୍ୟାଳୟ ନିକଟରେ ଏକତ୍ରିତ ହୋଇଥିଲେ। ଏଥିରେ ଭାଜପା ରାଜ୍ୟ ସଦସ୍ୟ କୃଷ୍ଣ ଚନ୍ଦ୍ର ଜାନି , ଜିଲା ସାଧାରଣ ସମ୍ପାଦକ ଭଗବାନ ପେଣ୍ଡିଆଙ୍କ ସହ ବିଭିନ୍ନ ଦାୟିତ୍ୱରେ ଥିବା ତୁଙ୍ଗ ରାଜନେତାମାନେ ମଧ୍ୟ ଯୋଗଦେଇ ଥିଲେ। କର୍ମୀ ଏବଂ ନେତା ଏକ ରାଲିରେ ବାହାରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପହଞ୍ଚି ସ୍ଥାନୀୟ ବ୍ଲକ ପ୍ରଶାସନର ମନମୁଖି କାର୍ଯ୍ୟ ତଥା ଶାସକ ଦଳର ଜଣେ ବିଧାୟକଙ୍କ ଇଙ୍ଗିତରେ ଉନ୍ନୟନ କାର୍ଯ୍ୟକ୍ରମରେ ଅନିୟମିତତା ହେଉଥିବା ଅଭିଯୋଗ କରାଯାଇଛି। ନିର୍ବାଚିତ ଅଧକ୍ଷଙ୍କୁ ସରକାରୀ କାର୍ଯ୍ୟ ବା ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ବ୍ୟବହୃତ ହେଉଥିବା ନାମ ଫଳକରେ ଅଣଦେଖା କରାଯାଉଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏପରି ହୀନ ରାଜନୀତି କାରଯାଇ ଶାସକ ଦଳର କୋରାପୁଟ ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ନାମ ସରକାରୀ କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯିବା କେତେଦୂର ଠିକ୍ ବୋଲି ଭାଜପା ରାଜ୍ୟ ସଦସ୍ୟ ଜାନି ପ୍ରଶ୍ନ ଉଠାଇଛନ୍ତି। ସେହିପରି ବିଜୁ ଯୁବ ବାହିନୀ, 'ଆମ ଗାଁ , ଆମ ବିକାଶ', 'ମୁଁହିରୋ, ମୁଁଓଡ଼ିଶା', ବିଜୁସ୍ୱାସ୍ଥ୍ୟ ବୀମା ଓ ଆହାର ପ୍ରମୁଖ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ଭାଜପା ପ୍ରଶ୍ନ କରିଛି। ଏହି ଅବସରରେ ଭାଜପା ପକ୍ଷରୁ ବିଡିଓଙ୍କୁ ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦଳର ଜିଲା କୃଷକ ମୋର୍ଚ୍ଚା ସଭାପତି ଭଗବାନ ମୁଦୁଲି, ପଟ୍ଟାଙ୍ଗି ମଣ୍ଡଳ ଓବିସି ସଭାପତି ପ୍ରତାପ ଚୌଧୁରୀ , ଜିଲା ଆଦିବାସୀ ମୋର୍ଚ୍ଚା ସମ୍ପାଦକ ଜୟରାମ ଭୋଇ , ବେଶୁ ଖିଲ , ବଳରାମ ବାରିକ , ବଳରାମ ପେଦାକାପୁ, ରାମଚନ୍ଦ୍ର ପାଙ୍ଗି , ନଂ-୨ ଜୋନ ସୁଙ୍କି ପଞ୍ଚାୟତ ସଭାପତି ତ୍ରିନାଥ ବେହେରା , ଗଙ୍ଗାଧର ନାୟକ ପ୍ରମୁଖ ସାମିଲ ଥିଲେ।

### ମହିଳାଙ୍କ ନିଖୋଜ ନେଇ ଥାନାରେ ଏତଲା

ନନ୍ଦପୁର, ୩୧।୧୦ (ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଥିବା ଗ୍ରାମ ପଞ୍ଚାୟତର ଘାଗଡାପଣ୍ଡି ଗ୍ରାମର ଜନୈକା ମହିଳା ନିଖୋଜ ହୋଇଥିବା ନେଇ ତାଙ୍କ ପୁତୁରା ଗୋପାଳ ଶିଶା ବୁଧବାର ନନ୍ଦପୁର ଥାନାରେ ଏତଲା ଦେଇଛନ୍ତି। ଘାଗଡାପଣ୍ଡି ଗ୍ରାମର ପରିମା ଶିଶା ଗତ ୧୭ତାରିଖରେ ନନ୍ଦପୁର ହାଟକୁ ଯାଇଥିବା କହି ଆଉ ଘରକୁ ଫେରି ନ ଥିଲେ। ଏହା ପରେ ବନ୍ଧୁବାନ୍ଧବ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ସେ ଟିକେ ଛୋଟେଇ ଛୋଟେଇ ଚାଲନ୍ତି। ଏତଲା ପରେ ନନ୍ଦପୁର ପୋଲିସ ଅନୁସନ୍ଧାନ ଜାରି ରଖିଥିବା ଜଣାପଡ଼ିଛି।

# ବ୍ଲକସ୍ତରୀୟ ଆଥଲେଟ୍ ମିଟ୍



ଆଥଲେଟ୍ ମିଟ୍‌ରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

ବୈପାରୀଗୁଡ଼ା , ୩୧।୧୦ (ଡି.ଏନ୍.ଏ)

**ଭାଗନେଲେ ୧୩୨ ପ୍ରତିଯୋଗୀ**

ବୁଧବାର ସ୍ଥାନୀୟ ନୋଡାଲ୍ ହାଇସ୍କୁଲ ପଡ଼ିଆରେ ସ୍କୁଲ ପିଲାମାନଙ୍କୁ ନେଇ ବ୍ଲକସ୍ତରୀୟ ଆଥେଲେଟ୍ ମିଟ୍ ଅନୁଷ୍ଠିତ ହୋଇଛି। ଏହାକୁ ସ୍ଥାନୀୟ ତହସିଲଦାର ଜ୍ୟୋତିପ୍ରକାଶ ସେଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ୧୮ ବିଦ୍ୟାଳୟର ୧୩୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୧୪ ରୁ ୧୭ ବର୍ଷରୁ କମ୍ ପିଲାଙ୍କୁ ନେଇ ଉଭୟ ବାଳିକା ଓ ବାଳକଙ୍କୁ ପୃଥକ୍ ପୃଥକ୍ ଭାବେ ବିଭାଗ କରାଯାଇଥିଲା। ୧୪ ବର୍ଷ ବୟସରୁ କମ୍ ବାଳକ ବିଭାଗରେ ଟାଙ୍ଗିଣିଗୁଡ଼ା ସ୍କୁଲର ପୂର୍ଣ୍ଣ ଖରା ,କାକଲପଡ଼ା ହାଇସ୍କୁଲର ବେବର୍ତ୍ତା ଖଡ଼ା ,ଦଣ୍ଡାବାଡ଼ି ସ୍କୁଲ୍‌ର ସୁନାଧର ନାୟକ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବାଳିକା ବିଭାଗରେ ବାଲିଗାଁ ଆବାସିକ ବିଦ୍ୟାଳୟର ସଞ୍ଜୁ ହନ୍ତାଳ ,ବର୍ଷୁନି ହନ୍ତାଳ ଓ ଗୌରୀ ବୋଦା ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଗୁପ୍ତେଶ୍ୱର ଆବାସିକ ବିଦ୍ୟାଳୟର ଗୋପାଳ ଶିଶା,ଟାଙ୍ଗିଣିଗୁଡ଼ା ହାଇସ୍କୁଲର ମୋହନ ପୂଜାରୀ ,ଦଳପୁର ହାଇସ୍କୁଲର ସନିଆ ଖିଲ ପ୍ରମୁଖ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବାଳିକା ବିଭାଗରେ ଶିରିବେଡ଼ା ସ୍କୁଲର ରୁକୁଣା ଦୁରୁଆ,ଦଳପୁର ହାଇସ୍କୁଲର ବେବିମଣି ବାରିକ ଓ ବ୍ରାହ୍ମଣଗୁଡ଼ା ହାଇସ୍କୁଲର ଭାନୁ ଦାସ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ମିଟ୍‌ରେ ମୁଖ୍ୟ ଅତିଥିଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିନାଥ ପୂଜାରୀ ଓ ନୋଡ଼ାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଘନସ୍ୟାମ ଦାସ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୁନିଲ୍ କୁମାର ଦାସ, ଅନୁପ ରାଉତ ,ଦୁର୍ଗାଶଙ୍କର ମାଝି,ଦିଲ୍ଲୀପ କୁମାର ଦାସ ,ସୌମେନ୍ଦ୍ର ପୂଜାରୀ ଓ ମହେନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ।

■ ଦୁର୍ନୀତି ନିବାରଣ ସପ୍ତାହ

# ପ୍ରଥମେ ପରିବାରରୁ ଦୁର୍ନୀତି ମୂଳୋତ୍ପାଟନ ହେବା ଜରୁରୀ

ମାଥାଲପୁଟ/ଦାମନଯୋଡ଼ି, ୩୧।୧୦(ଡି.ଏନ୍.ଏ)

ଦାମନଯୋଡ଼ି ନାଲ୍‌କୋ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହେଉଛି। ଏହା ଆସନ୍ତା ୩ ତାରିଖ ଯାଏଁ ଚାଲିବ। ନାଲକୋ ବିଶୋଧନାଗାରସ୍ଥିତ ଏଚ୍‌ଆର୍‌ଡି, ସେଣ୍ଟର ଅଡିଟୋରିଅମ୍ ଗୃହରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ ମହାନ୍ତି, କୋରାପୁଟ ଭିଜିଲାନ୍ସ ଏସ୍‌ପି ହରେକୃଷ୍ଣ ବେହେରା ଅତିଥିଭାବେ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାରକୁ ଦୁର୍ନୀତି ମୁକ୍ତ କରିପାରିଲେ , ଦେଶରୁ ଦୁର୍ନୀତି ମୂଳୋତ୍ପାଟନ ହେବା ସହିତ ଏକ ଦୁର୍ନୀତି ମୁକ୍ତ ଭାରତ ଗଠନ ସମ୍ଭବ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ସର୍ଦ୍ଦାର ବଲ୍ଲଭ ପଟେଲ୍‌ଙ୍କ ଜନ୍ମଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋ ମହାପ୍ରବନ୍ଧକ ରବିଶଙ୍କର ଦାସ, ପ୍ରଶାନ୍ତ ଷଡ଼ଙ୍ଗୀ, ଭୀମସେନ ପ୍ରଧାନ, ରାମଚନ୍ଦ୍ର ତ୍ରିପାଠୀ, ସୁଶୀଲ ପାଢ଼ି, ଅରୁଣ ଦାସ, ରମେଶ ଚନ୍ଦ୍ର ଯୋଶୀ, ସି.ଆଇ.ଏସ୍.ଏଫ କମାଣ୍ଡାଣ୍ଟ ପି.କେ ଭାରତି, ଡେପୁଟୀ କମାଣ୍ଡାଣ୍ଟ ସୁଧୀର କୁମାର, ନାଲ୍‌କୋ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା, ନାଲ୍‌କୋ ଏସ୍‌ସି/ଏସଟି ଏମ୍ପ୍ଲୋଇଜ୍ ୱେଲ୍‌ଫେୟାର ଆସୋସିଏଶନ କର୍ମକର୍ତ୍ତା , ନାଲ୍‌କୋ ଡିଜିଏମ୍ ସୁଦୀପ କୁମାର ବାରିକ, ନାଲ୍‌କୋ ଭିଜିଲାନ୍ସ ବିଭାଗ ଏଜିଏମ୍ ଦେବଦତ୍ତ ମହାନ୍ତି, ନାଲ୍‌କୋ ଦୁର୍ନୀତି ନିବାରଣ ବିଭାଗ ସହକାରୀ ମହାପ୍ରବନ୍ଧକ ଦେବଦତ୍ତ ମହାନ୍ତି, ପ୍ରବନ୍ଧକ ଅଭିମନ୍ୟୁ ଜେନା , ପ୍ରମୋଦ କୁମାର ତ୍ରିପାଠୀ ଏବଂ ବିକ୍ରମ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତାରେ ଓଲଟିଲା ଟ୍ରକ୍

ଜୟପୁର,୩୧।୧୦(ଡି.ଏନ.ଏ)

ଜୟପୁର ସଦରଥାନା ଆମ୍ବାଗୁଡ଼ା ଏବଂ ରଣ୍ଡାପାଲି ଗ୍ରାମ ମଧ୍ୟରେ ଭୋର୍ ସାଢ଼େ ୫ଟାରେ ୨୬ନମ୍ବର ଜାତୀୟ ରାଜପଥରେ ମକା ବୋଝେଇ ୧୨ ଚକିଆ ଟ୍ରକ୍ ନିୟନ୍ତ୍ରଣ ହରାଇ ରାସ୍ତା ଉପରେ ଓଲଟି ପଡ଼ିଛି। ଏଥିରେ କୌଣସି ଜୀବନ ହାନି ହୋଇ ନ ଥିଲେ ସୁଦ୍ଧା ରାସ୍ତା ଉପରେ ଓଲିଟି ପଡ଼ିବା ଯୋଗୁଁ ରାସ୍ତା ଅବରୋଧ ହୋଇଥିଲା। ଫଳରେ କେବଳ ଦୁଇ ଚକିଆ ଯାନ ବ୍ୟତିତ ଅନ୍ୟ ଗାଡ଼ି ଯାଇପାରୁ ନ ଥିଲା। ଯାତ୍ରୀବାହୀ ବସ୍‌ଗୁଡିକ ଅଟକି ରହିବା ଯୋଗୁଁ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ସଦରଥାନା ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ସହିତ ପୂର୍ବାହ୍ନ ୧୧ଟାରେ କ୍ରେନ ସାହାଯ୍ୟରେ ଟ୍ରକ୍‌କୁ ଉଠାଇଥିଲା। ଏହାପରେ ରାସ୍ତାରେ ଯାନବାହନ ଚଳାଚଳ କରିଥିଲା।



ବୋରିଗୁମ୍ମା ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା।

# ଗଜଲକ୍ଷ୍ମୀ ପୂଜାରେ ଶ୍ରଦ୍ଧାଳୁଙ୍କ ଭିଡ଼

ବୋରିଗୁମ୍ମା, ୩୧।୧୦(ଡି.ଏନ୍.ଏ)

ବୋରିଗୁମ୍ମା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗୁଛି। ବୋରିଗୁମ୍ମା ସ୍ଥାନୀୟ ସନ୍ତୋଷୀ ନଗରର ଗଜଲକ୍ଷ୍ମୀ ପୂଜା ଦୀର୍ଘବର୍ଷ ଧରି ଧୁମ୍‌ଧାମ୍‌ରେ ପାଳିତ ହୋଇଆସୁଛି। ମଙ୍ଗଳବାର ଲକ୍ଷ୍ମୀନାରାୟଣଙ୍କ ବିବାହ ଉତ୍ସବରେ ମୀରା ଡାନ୍ସ ଗ୍ରୁପର ସାଂସ୍କୃତିକ କାର୍ଯ୍ୟକ୍ରମରେ ଶତାଧିକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ଏଠାରେ ଅନ୍ନ ପ୍ରସାଦ ସେବନ ନିମନ୍ତେ ଶ୍ରଦ୍ଧାଳୁ ଅପେକ୍ଷାରେ ରହିଥାନ୍ତି। ଲଡୁ, କାକରା, ମାଳପୁଆ ଭୋଗ ପାଇଁ ଭକ୍ତଙ୍କ ଲମ୍ବାଧାଡ଼ି ଲାଗିଥାଏ। କାର୍ଯ୍ୟକ୍ରମ ସୁରୁଖୁରୁରେ ପରିଚାଳନା ହେଉଥିବା କମିଟି ଉପଦେଷ୍ଟା ଗୋକୁଳ ପଣ୍ଡା, ଲଳିତ ପଟ୍ଟନାୟକ, ସଭାପତି ଟୁଟୁ ପରିଛା , ସମ୍ପାଦକ ରାଜ ସିଂ ପ୍ରମୁଖ ପ୍ରକାଶ କରିଛନ୍ତି। ଶନିବାର ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ସବୁଠି ଇନ୍ଦିରାଙ୍କ ସ୍ମୃତିଚାରଣ

କୋରାପୁଟ,୩୧।୧୦(ସ୍ୱ.ପ୍ର)

କୋରାପୁଟ ଜିଲା ପ୍ରଶାସନ ଓ ଜିଲା ସ୍ମାରକୀ କମିଟି ପକ୍ଷରୁ ବୁଧବାର ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ତଥା ଜାତୀୟ ସଙ୍କଳ୍ପ ଦିବସ ପାଳନ ହୋଇଛି। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ନିକଟରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ଡିପିସି ମହେଶ୍ୱର ନାୟକ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଛନ୍ତି। ଲୋକ ପ୍ରତିନିଧି ଓ ଅଧିକାରୀମାନଙ୍କୁ ଜିଲା ପ୍ରକଳ୍ପ ସଂଯୋଜକ ନାୟକ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ନେଇ ଶପଥପାଠ କରାଇଥିଲେ। ଏହି ଅବସରରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ନିମାଇଁ ସରକାର, କୋରାପୁଟ ପୌରସଂସ୍ଥାର ପୂର୍ବତନ ପୌରାଧକ୍ଷ ଭଗବାନ ବାହିନୀପତି, କଂଗ୍ରେସର ବ୍ଲକ ସଭାପତି ବାବୁଲା ବେନିଆ, କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝି, ସତ୍ୟ ପ୍ରଧାନ, ସ୍ମାରକୀ କମିଟି ସଭ୍ୟ ରାଜୁ ସାମନ୍ତରାୟ, ରମା ଶର୍ମା, ଭବାନି ଶଙ୍କର ମିଶ୍ର , ସିଏଚ ସାନ୍ତାକାର, ଅରୁଣ ଦାସ ଉପସ୍ଥିତ ଥିଲେ।

**ଦାମନଯୋଡ଼ି,(ଡି.ଏନ୍.ଏ):** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୩୪ ତମ ଶ୍ରାଦ୍ଧ ଦିବସ ନାଲ୍‌କୋରେ ପାଳିତ ହୋଇଛି। ଏଥିରେ ନାଲକୋ ଅଧିକାରୀ, କର୍ମଚାରୀ ଏବଂ ବୁଦ୍ଧିଜୀବୀ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ। ଅତିଥିଭାବେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ ମହାନ୍ତି, ମହାପ୍ରବନ୍ଧକ ରାଜୀବ ମିଶ୍ର, ପି.କେ ଷଡ଼ଙ୍ଗୀ, ଆର୍‌ଏସ୍‌ଦାସ, ଏସ୍‌କେ ପାଢ଼ି, ଆର୍‌ସିତ୍ରିପାଠୀ, ଭୀମସେନ୍ ପ୍ରଧାନ, ଆର୍‌ସି ଯୋଶୀ,ଏସ୍.କେ ବାରିକ, ମହେଶ୍ୱର ସାହୁ, ଏସ୍‌ଏନ୍ ନାୟକ, ଆର୍‌ସି ଦାଶ, ଏସ୍‌ଏସ୍ ସାହୁ, ରାଜେଶ ଶର୍ମା, ନାଲ୍‌କୋ ଅଫିସର୍ସ ଆସୋସିଏଶନ କର୍ମକର୍ତ୍ତା ପି.କେ ଶତପଥି, ଗୁରୁ ଟାକ୍ରୀ, ଏମ୍‌ଡି ପ୍ରଧାନ, ପ୍ଲାଣ୍ଟ ଏବଂ ମେରାଇନ୍ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ଅଭିରାମ ରାଉତ, ସୁଜିତ ଜେନା, ଏସ୍‌କେ ମହାରଣା, ପିକେ ବଳ, ସୋମନାଥ ମହାପାତ୍ର, ଉପେନ୍ଦ୍ର ପାତ୍ର, ମାୟାଧର ଦାଶ, ଜନାର୍ଦ୍ଦନ ପଟ୍ଟନାୟକ, ହରିନାଥ ବାବାପଟ୍ଟନାୟକ, ନାଲକୋ ୱିମେନ ୱେଲଫେୟାର କମିଟି ସଦସ୍ୟ ଆର୍‌କେ ପ୍ରଧାନ, ଗାନ୍ଧୀ ସାହୁ, ଏସଆର୍ ମିଶ୍ର, ସମ୍ପତ କୁମାର ପତି, ବିନୟ ଖରା, ଲୋକନାଥ କୁଳଦୀପ, ଆର୍‌ଆର୍‌ରମଣି ପ୍ରମୁଖ ଯୋଗଦେଇ ଥିଲେ।





କୋରାପୁଟଠାରେ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ। ଦାବନଯୋଡ଼ିରେ ଇନ୍ଦିରା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ।



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।
-ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ



### ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

**ଗୁଣପୁର, ୩୧।୧୦(ଡି.ଏନ୍.ଏ.):** ରାୟଗଡା ଜିଲା ଗୁଣପୁର ସହର ମରାଠିଗୁଡାସ୍ଥିତ ବ୍ଲକ ଅଫିସ ସମ୍ମୁଖରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ଘଟ ମଙ୍ଗଳବାର ବିସର୍ଜନ ହେବା ପରେ ବୁଧବାର ସନ୍ଧ୍ୟାରେ ମା'ଙ୍କ ପ୍ରତିମା ବିସର୍ଜନ କରାଯାଇଛି। ମହିଳାମାନେ ମା'ଙ୍କୁ ଅଳତା ସିନ୍ଦୁର ଲଗାଇବା ସହ ହୁଳହୁଳି ଦେଇ ବିଦାୟ ଦେଇଥିଲେ। ବିଭିନ୍ନ ବାଦ୍ୟର ତାଳେତାଳେ ପୂଜା କମିଟି ସଦସ୍ୟମାନେ ବଂଶଧାରା ନଦୀରେ ମା'ଙ୍କ ମୃଣ୍ମୟୀ ପ୍ରତିମାଙ୍କ ବିସର୍ଜନ କରିଥିଲେ। ହାଉସିଂ ବୋର୍ଡ କଲୋନୀ ପିଲାମାନେ ବିଭିନ୍ନ ବାଦ୍ୟ ବଜାଇଥିଲେ। ସେହିଭଳି ଷ୍ଟେଶନ ରୋଡସ୍ଥିତ ମା' ଗଜଲକ୍ଷ୍ମୀଙ୍କ ପୂର୍ଣ୍ଣାହୁତି କାର୍ଯ୍ୟ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ମା'ଙ୍କୁ ବିସର୍ଜନ କରାଯାଉଛି।

### ରକ୍ତଦାନ ଶିବିର

**କାଶୀପୁର, ୩୧।୧୦(ଡି.ଏନ୍.ଏ.):** ରାୟଗଡା ଜିଲା କାଶୀପୁର ବ୍ଲକରେ ବୁଧବାର ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଏବଂ ସର୍ଦ୍ଦାର ପଟେଲ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ଚେତକ କ୍ଲବଠାରେ କଂଗ୍ରେସ ସେବାଦଳ ଅନିଲ ଜୈନଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନେକ ଲୋକ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। କାର୍ଯ୍ୟକ୍ରମକୁ ସତ୍ୟନାରାୟଣ, ଅଙ୍ଗଦ ନାଏକ, ମିଥୁନ ନାଏକ, ରାଜେନ୍ଦ୍ର ନାଏକ ପରିଚାଳନା କରିଥିଲେ। ଯୋଗୀ ନାଏକ, ଟୁଲିଆ ମଣ୍ଡଳ,ପାଇଲ ମାଝିଙ୍କ ସମେତ ଅନେକ ଏଥିରେ ରକ୍ତଦାନ କରିଥିଲେ।

### ମା' ଧନଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ବିଷମକଟକ, ୩୧।୧୦(ଡି.ଏନ୍.ଏ.):** ବିଷମକଟକ ସଦର ମହକୁମାସ୍ଥିତ ବସଷ୍ଟାଣ୍ଡରେ ମା' ଧନଲକ୍ଷ୍ମୀଙ୍କ ପୂଜା ପାଇଁ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଚଳିତ ବର୍ଷ ମା' ଧନଲକ୍ଷ୍ମୀଙ୍କ ୯ମ ବର୍ଷ ପାଳନ ହେବ। ପୂଜକ ରାମ ରଥ, କେଶବ ରଥ ଓ ସପନ ରଥ ଶୁଭଖୁଣ୍ଟି ସ୍ଥାପନ କରିଥିଲେ। ଚଳିତ ବର୍ଷ ଓଲିଉଡର କଳାକାର ଯୋଗଦେବେ ବୋଲି କମିଟିର କୋଷାଧ୍ୟକ୍ଷ ସୂଚନା ଦେଇଛନ୍ତି।

### ଗଞ୍ଜେଇ ଚାଷରୁ ନିବୃତ୍ତ ରହିବାକୁ ପ୍ରଶାସନର ଆହ୍ୱାନ

**ପଦ୍ମପୁର, ୩୧।୧୦ (ଡି.ଏନ୍.ଏ.):** ପଦ୍ମପୁର ବ୍ଲକର ନୂଆଗଡ ପଞ୍ଚାୟତ ନାରାୟଣପୁର ହାଟପଦାଠାରେ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଦ୍ମପୁର ବ୍ଲକ ବିହନ ବିକ୍ରୟ ଅଧିକାରୀ ଦାଶରଥୀ ସେନାପତି ଓ ଶିକ୍ଷକ ମନୋଜ ଜେନା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଗୁହାପୁନମ ତାପସ କୁମାର, ଏସ୍‌ପି ରାହୁଲ ପିଆର୍, ସିଡିଏମ୍‌ଓ ଶିବପ୍ରସାଦ ପାଢୀ, ଜିଲା ଶ୍ରମ ଅଧିକାରୀ ପ୍ରଦୀପ କୁମାର ଭୋଇ, ଗୁଣପୁର ଏସଡିପିଓ ଅଶ୍ୱିନୀ କୁମାର ନାୟକ, ପଦ୍ମପୁର ବିଡିଓ ଅଗସ୍ତୀ ପ୍ରଧାନ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି, ପଦ୍ମପୁର ଥାନା ଅଧିକାରୀ ଜୟଶ୍ରୀ ପ୍ରଧାନ, କେନ୍ଦୁଗୁଡା ଫାଣ୍ଡି ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ପଦ୍ମପୁର ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଅସୀମାରାଓ, ଏପିଓ ବିଶିକେଶନ ଲିମା ଅତିଥିଭାବେ ଯୋଗ ଦେଇଥିଲେ। ଦୁର୍ଗମ ଅଞ୍ଚଳର ଲୋକେ ଗଞ୍ଜେଇ ଚାଷରୁ ନିବୃତ୍ତ ହୋଇ ଧାନ, ମାଣ୍ଡିଆ, କୋଳଥ ପନିପରିବା ଚାଷ କରି ଲାଭ ପାଇପାରିବେ ବୋଲି ଅତିଥିମାନେ କହିଥିଲେ। ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଗଲେ ଗୁଣିଗାରେଡି ଛାଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଇବା ଓ ଆତ୍ମନିର୍ଭରଶୀଳ ଭାବେ କାର୍ଯ୍ୟକରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ନୂଆଁଗଡ, ଗୁଲୁଗୁଡା, ତେମ୍ବାଗୁଡା ଓ ଲିକିଟିପଦର ସରପଞ୍ଚ, ସମିତିସଭ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, କୃଷି, ଶିଶୁବିକାଶ ବିଭାଗ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ତରଫରୁ ବିଭିନ୍ନ ଷ୍ଟଲ ଖୋଲାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ଗୋଦାବରୀ ରାଉତ, ଦେବେନ୍ଦ୍ର ପାଢି ଓ ରଘୁନନ୍ଦନ ନାୟକଙ୍କ ସହ ବହୁ ଲୋକ ସହଯୋଗ କରିଥିଲେ ।

## ■ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

# ସଚେତନ ହେଲେ ଦୁର୍ନୀତି ହଟିବ

**ରାୟଗଡ଼ା ଅଫିସ, ୩୧।୧୦**

ରାୟଗଡା ଜିଲା ପ୍ରଶାସନ ଓ ଜିଲା ଦୁର୍ନୀତି ନିବାରଣ ଶାଖାର ମିଳିତ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୁହାପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଲାଲବିହାରୀ ହିମିରିକା ଯୋଗ ଦେଇଥିଲେ। ସମସ୍ତେ ସଚେତନ ହେଲେ ଓ ପ୍ରତିରୋଧ କଲେ ସମାଜରୁ ଦୁର୍ନୀତି ହଟିବ ବୋଲି ସେ ନିଜ ବକ୍ତବ୍ୟରେ କହିଛନ୍ତି। ଉପସ୍ଥିତ ସମସ୍ତ ଅତିଥି ଦୁର୍ନୀତିକୁ ଦୂର କରିବା ଏବଂ ରାଷ୍ଟ୍ରୀୟ ଏକତା ଦିବସ ପାଇଁ ଶପଥ ନେଇଥିଲେ। ଏସ୍‌ପି ରାହୁଲ ପିଆର୍, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଦୁର୍ନୀତି ଦୂର ପାଇଁ ଆହ୍ୱାନ ଦେଇଥିଲେ।



ପ୍ରଶାସନିକ ଅଧିକାରୀମାନେ ଦୁର୍ନୀତି ନିବାରଣ ପାଇଁ ଶପଥ ନେଉଛନ୍ତି।

ସେହିପରି ମୁଖ୍ୟବକ୍ତା ଭାବେ ସ୍ୱତନ୍ତ୍ର ସରକାରୀ ଓକିଲ ବ୍ରଜସୁନ୍ଦର ନାୟକ ଦୁର୍ନୀତି ଓ ଏହାର ଦଣ୍ଡବିଧାନ ସକାଶେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଉପଆରକ୍ଷୀ ଅଧୀକ୍ଷକ ସୁମନ୍ତ କୁମାର ବିଶ୍ୱାଳ ନିଜ ବକ୍ତବ୍ୟରେ ସୂଚନା ଦେଇଥିଲେ। ଏହି ଦିବସ ଉପଲକ୍ଷେ ଆୟୋଜିତ ବକ୍ତୃତା ଓ କାର୍ଟୁନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ସକାଳେ ସ୍ଥାନୀୟ ଗଜପତି ଛକଠାରୁ ଏହି ଉପଲକ୍ଷେ ଏକ ସଚେତନତା ସଭା ବାହାରିଥିଲା। ଏହାକୁ ଉପଆରକ୍ଷୀ ଅଧୀକ୍ଷକ ବିଶ୍ୱାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଇନ୍ସପେକ୍ଟର କଳାବତୀ ବାଗ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ । ସଚେତନତା ଶୋଭାଯାତ୍ରାରେ ରାୟଗଡା ମହାବିଦ୍ୟାଳୟ, ରାୟଗଡ ମହିଳା ମହାବିଦ୍ୟାଳୟ ଓ ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।

# ପ୍ରତିଭା, ମାନସିକ ବିକାଶ କରୁଛି ସୁରଭି

**ବିଷମକଟକ, ୩୧।୧୦(ଡି.ଏନ୍.ଏ.)**

ରାୟଗଡା ଜିଲା ବିଷମକଟକ ବ୍ଲକ ସଦରମହକୁମାସ୍ଥିତ ଉଚ୍ଚ ବିଦ୍ୟାଳୟରେ ଦିନ ୧୫ଟି କ୍ଲଷ୍ଟରର ଛାତ୍ରୀଛାତ୍ରଙ୍କୁ ନେଇ ବିଡିଓ ଜୟରାମ ପାଠୀଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଡିଆଇଇଟି ଅଧ୍ୟକ୍ଷ ଯୁଗଳ କିଶୋର ମିଶ୍ର ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ କମଳା ପିଡ଼ିକା, ସୂର୍ଯ୍ୟନାରାଣ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ୧୫ଟି କ୍ଲଷ୍ଟର କୃତୀ ପ୍ରତିଯୋଗୀଙ୍କୁ ନେଇ ସଙ୍ଗୀତ, ବକ୍ତୃତା, ତର୍କ, ଚିତ୍ରାଙ୍କନ, କୁଇଜ୍,. ରଚନା, ସୃଜନଶୀଳ ଓ ଶ୍ରୁତୀଲିଖନ ପ୍ରତିଯୋଗିତା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ଏବଂ ମାନସିକ ବିକାଶ ଦିଗରେ ସୁରଭି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବିଧାୟକ ଜଗନ୍ନାଥ ସାରକା ଉଦ୍‌ଘାଟନୀ ଉତ୍ସବରେ କହିଛନ୍ତି। ଉଦ୍‌ଯାପାନୀ ଦିବସରେ ମା' ମାର୍କମା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ପଲାକା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନିତ କରାଯାଇଛି। କାର୍ଯ୍ୟକ୍ରମକୁ ସିଆରସିସି ରାଜେନ୍ଦ୍ର ପାଢ଼ୀ, ରାମକୃଷ୍ଣ ଆଚାର୍ଯ୍ୟ, ମୋହନ ନେଇଡୁ, ପି.କେ ସାମଲ ଭାଗୀରଥି ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବ୍ଲକ କାର୍ଯ୍ୟାଳୟ ଘେରିଲା ଭାଜପା

**ଜେକେପୁର, ୩୧।୧୦**

ଦୁର୍ନୀତି, ପିସି କାରବାରକୁ ବିରୋଧ କରିବା ସହ ୨୯ ଦଫା ଦାବିରେ ବୁଧବାର ଭାଜପା ପକ୍ଷରୁ କୋଲନରା ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଶତାଧିକ ମହିଳା, ପୁରୁଷ କର୍ମୀ ଓ ଦଳୀୟ ନେତା କୋଲନରାସ୍ଥିତ ମା' ମଝିଘରିଆଣୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏହାକୁ ଘେରିଥିଲେ। ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୋଲନରା ବିଡିଓ ତାପସ କୁମାର ଭୋଇଙ୍କୁ ପ୍ରଦାନ କରିଥିଲେ। ରାୟଗଡା ଜିଲା ଭାଜପା ସାଧାରଣ ସମ୍ପାଦକ ଭାସ୍କର ପଣ୍ଡା, ରାୟଗଡା ନଗର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ମଣ୍ଡଳ ସଭାପତି ଶିବାନା, ସମିତି ସଭ୍ୟ ବାଙ୍କିଲି ଜାନକୀ ଉଲ୍ଲାକା, କମଳଲୋଚନ ନୀଳଗିରି, ବସନ୍ତ ଉଲ୍ଲାକା, ଯୁବ ମୋର୍ଚ୍ଚା ସଭାପତି ନୀଳାଦ୍ରି ବିହାରୀ ପାତ୍ର, ନାଇଡୁ ପେଦେଷ୍ଟିଂ, କୋଲନରା 'କ' ଜୋନ ଉପସଭାପତି ରଞ୍ଜନା ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।




ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

**ରାୟଗଡା ଅଫିସ୍, ୩୧।୧୦**

ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ରାୟଗଡା ସହରର କପିଳାଶ ଛକ ନିକଟରୁ ମଙ୍ଗଳବାର ସକାଳେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପୌର ପରିଷଦ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମରେ ରାୟଗଡା ଉପଜିଲାପାଳ ପ୍ରବୀର କୁମାର ନାୟକ ଯୋଗଦେଇ ଏକ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବ୍ୟକ୍ତିର ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଏକାନ୍ତ ଅପରିହାର୍ଯ୍ୟ । ଅନାବଶ୍ୟକୀୟ ଖର୍ଚ୍ଚକୁ ଯଥାସମ୍ଭବ କମାଇ ବଳକା ଅର୍ଥକୁ ସଞ୍ଚୟ କରି ରଖିଲେ ତାହା ବ୍ୟକ୍ତି ବିଶେଷଙ୍କ ଆର୍ଥିକ ବିକାଶ ସହ ଦେଶର ଅଭିବୃଦ୍ଧି ସହାୟକ ହୋଇଥାଏ ବୋଲି ବୁଦ୍ଧିଜୀବୀମାନେ ଏବଂ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରୀ ସେକ୍ ଅଲେନୁରଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଏନେଇ ମଙ୍ଗଳବାର ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସୁଧାକର ଶବର, ପିଡି ଡିଆର୍‌ଡିଏ ଅମ୍ରିତ ରତୁରାଜ, ପୌର ପରିଷଦ ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।




ଉପଜିଲାପାଳ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

## ଚିକିତ୍ସାଧୀନ ଅବସ୍ଥାରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ବିଷମକଟକ, ୩୧।୧୦(ଡି.ଏନ୍.ଏ.)**

ଚିକିତ୍ସାଧୀନ ଅବସ୍ଥାରେ ରାୟଗଡ଼ା ଜିଲା ବିଷମକଟକ ସବ୍‌ଜେଲର ଜଣେ ବିଚାରାଧୀନ କଏଦୀଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦ୍ରପୁର ଥାନା ଅଧୀନ ଜରିଗୁମା ଗ୍ରାମର ସନାତନ ଗାଗରଙ୍ଗ (୩୫)। ଏକ ହତ୍ୟା ମାମଲାରେ ଦୀର୍ଘ ୨ ବର୍ଷ ହେବ ସେ ବିଚାରାଧୀନ କଏଦୀ ଭାବେ ବିଷମ କଟକ ସବ୍‌ଜେଲରେ ରହୁଥିଲେ। ପ୍ରକାଶ ଯେ, ବୁଧବାର ସନାତନଙ୍କ ପେଟରେ ହଠାତ୍ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଜେଲର ତାଙ୍କୁ ପ୍ରଥମେ ବିଷମକଟକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ପ୍ରସ୍ତୁତି ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ବିଷମକଟକ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏଥିସହ ମୃତକଙ୍କ ପରିବାରକୁ ମଧ୍ୟ ଖବର ଦିଆଯାଇଛି। ଗୁରୁବାର ପରିବାର ଲୋକ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡାକ୍ତର ସାକିଲ ଖାଁ କହିଛନ୍ତି।

## ରାଜ୍ୟରାଣୀ ଏକ୍ସପ୍ରେସ ସପ୍ତାହକୁ ୬ଦିନ ଚଳାଚଳ ଦାବି

**ଗୁଣପୁର,୩୧।୧୦(ଡି.ଏନ୍.ଏ.)**

ଗୁଣପୁର ନୌପଡା ରେଳପଥରେ ରହିଥିବା ବିଭିନ୍ନ ସମସ୍ୟା ସହ ରାଉରକେଲା- ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ ସପ୍ତାହରେ ୬ ଦିନ ଚଳାଚଳ ଦାବି କରି ବିଶାଖାପାଟଣା ଡିଆରଏମ୍ ମୁକୁଲ ସରନ ମାଥୁରଙ୍କୁ ନବ ନିର୍ମାଣ ସମିତି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଶାଖାପାଟଣାଠାରେ ନବ ନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଡିଆରଏମ୍ ମାଥୁରଙ୍କ ଭେଟି ଦାବିପତ୍ର ଦେଇଥିଲେ। ରାଜ୍ୟରାଣୀ ଏକ୍ସପ୍ରେସ ବର୍ତ୍ତମାନ ୩ଦିନ ଚଳାଚଳ ହେଉଥିବା ବେଳେ ରେଳବିଭାଗ ୬ଦିନ ଚଳାଚଳ କରିବ ବୋଲି କହିଥିଲେ। ହେଲେ ଏହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରି ନାହିଁ। ଏଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ନବ ନିର୍ମାଣ ସମିତି ପକ୍ଷରୁ ଦାବି କରାଯାଇଛି। ସେହିପରି ଗୁଣପୁର ନୌପଡା ମଧ୍ୟରେ ଥିବା ପ୍ଲାଟଫର୍ମ ଗୁଡିକର ଉଚ୍ଚତା ବୃଦ୍ଧି ସହ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ଓ ଭୁବନେଶ୍ୱର-ରାମେଶ୍ୱର ଏକ୍ସପ୍ରେସ ନୌପଡାଠାରେ ରହଣୀ ପାଇଁ ଦାବି ହୋଇଥିଲା। ଗୁଣପୁରଠାରେ ଅତିରିକ୍ତ ପ୍ଲାଟଫର୍ମ ନିର୍ମାଣ ସହ ବିଭିନ୍ନ ଷ୍ଟେଶନରେ ଶୌଚାଳୟ, ଆଲୋକ ବ୍ୟବସ୍ଥା, ଯାତ୍ରି ବିଶ୍ରାମାଗାର ନିର୍ମାଣ, ପାନୀୟ ଜଳ ସୁବିଧା ପାଇଁ ଦାବି ହୋଇଛି। ନୌପଡା ରେଳପଥରେ ଟ୍ରେନ ଗୁଡିକର ଗତି ବୃଦ୍ଧି, ଗୁଣପୁର-ଥେରୁବାଲି ନୂତନ ରେଳପଥ ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ରେଳ ବିଭାଗ ଡିଆର୍‌ଏମ୍‌ଙ୍କ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା।

# ମାଙ୍ଗାନିଜ ଚୋରା ଚାଲାଣ, ୫ ଗିରଫ

■୩ଲକ୍ଷ ୫୦ ହଜାର ଟଙ୍କାର ମାଙ୍ଗାନିଜ ଜବତ
■ଆନ୍ଧ୍ରର ପାର୍ବତୀପୁରମକୁ ଚାଲାଣ ହେଉଥିଲା

**ରାୟଗଡ଼ା ଅଫିସ, ୩୧।୧୦**

ରାୟଗଡ଼ା ଜିଲା କୁମ୍ଭିକୋଟା ଫାଣ୍ଡି କୁରୁଲି ଗାଁ ନିକଟ ସଂରକ୍ଷିତ ଜଙ୍ଗଲରୁ ବେଆଇନ୍ ଭାବେ ମାଙ୍ଗାନିଜ ଚୋରାଚାଲାଣ ବେଳେ ୫ ଜଣଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଚୋରା ମାଙ୍ଗାନିଜ ଚାଲାଣ ଟିପର ଓ ଗୋଟିଏ ବାଇକ୍‌କୁ ମଧ୍ୟ ଜବତ କରିଛି। ଏହି ଘଟଣାରେ ଅନ୍ୟ ୩ ଅଭିଯୁକ୍ତ ଫେରାର ଅଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ଶେଷଖାଲ ଥାନା ଅଧୀନ ନୂଆଗାଁର ଦୁର୍ଜନ ଗାଣ୍ଟା, ଟିକିରିର ଭୀମା ମାଝି, ବାହାରଦୁଲକିର ନିତ୍ୟାନନ୍ଦ ନାୟକ, ଆନ୍ଧ୍ରପ୍ରଦେଶ ଆନକାପେଲି ଗ୍ରାମର କେ. ନାକାସୁରି ଆପ୍ପାରାଓ ଏବଂ ଟିକିରିର ଲକ୍ଷ୍ମଣ ଲୋହରା। ଗିରଫ ୫ ଜଣଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ବୁଧବାର ଭୋରରୁ କୁରୁଲି ଗାଁ ନିକଟ ଜଙ୍ଗଲରୁ ବେଆଇନ ଭାବେ ଖନନ କରି ୧୫ ଟନ୍ ମାଙ୍ଗାନିଜ ପଡୋଶୀ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମକୁ ଚାଲାଣ କରାଯାଉଥିଲା ପାର୍ବତୀପୁରମରୁ ଏହା ଆଉ କିଛି ଦିନ ପରେ ବିଶାଖାପାଟନମ ବନ୍ଦର ଦେଇ ଦେଶ ବାହାରକୁ ଚାଲାଣ ହୋଇଥାଆନ୍ତା। ତେବେ ଭୋରରୁ କୁମ୍ଭିକୋଟା ଫାଣ୍ଡି ନିକଟରୁ ଏହାକୁ ପୋଲିସ ଧରିଥିଲା। ଜବତ ମାଙ୍ଗାନିଜର ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ରାୟଗଡା ଆଇଆଇସି କୃଷ୍ଣଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି। ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ପୋଲିସ କହିଛି।

# ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

**ମୁନିଗୁଡା, ୩୧।୧୦ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡା ମହାବିଦ୍ୟାଳୟ ପରିସରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ଓ ମହାବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବନଛରଙ୍କ ମିଳିତ ସଂଯୋଜନାରେ ଏକ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ମୁନିଗୁଡା ବିଡିଓ ଦିଲୀପ କୁମାର ବେହେରା, ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା, +୩ ଅଧ୍ୟକ୍ଷ ହୃଷୀକେଶ ଜାଲି, ଅଧ୍ୟାପକ ରାମନାଥ ମହାପାତ୍ର, ଦେବବ୍ରତ ରାଜଗୁରୁ ପ୍ରମୁଖ ଯୋଗଦେଇ ଥିଲେ। ଅତିଥିମାନେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇବା ସହ ୧୮ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଭୋଟର ତାଲିକାରେ ନୂତନ ଭାବେ ନିଜ ନାମ ପଞ୍ଜୀକରଣ କରାଇ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁନିଗୁଡା ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ମୁନିଗୁଡା ଚନ୍ଦ୍ରପୁର ବ୍ଲକର ମୋଟ ୮୦ ଜଣ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ କରାଇଥିଲେ। ସେହିପରି ଅମ୍ବାଦଳାସ୍ଥିତ ସୀମାନ୍ତ ମହାବିଦ୍ୟାଳୟରେ ମୁନିଗୁଡା ବ୍ଲକ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବି.କେ. ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭୋଟର ତାଲିକାରେ ନୂତନ ଭାବେ ପଞ୍ଜୀକରଣ କରାଇଥିବା ଜଣାପଡିଛି।

# ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ଏକତା ଦିବସ ଅବସରରେ ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି।

**ମୁନିଗୁଡା, ୩୧।୧୦ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡା ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବନଛରଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରିବା ସହ ଏକତା ଦିବସ ଉପରେ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ରଥ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥପାଠ କରାଇଥିଲେ। ଏଥିସହ ରାଷ୍ଟ୍ରୀୟ ଏକତା ଦିବସର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର +୩ ଅଧ୍ୟକ୍ଷ ହୃଷୀକେଶ ଜାଲି, ଅଧ୍ୟାପିକା କଲ୍ୟାଣୀ ପାଢ଼ୀ, ଅଧ୍ୟାପକ ରାମନାଥ ମହାପାତ୍ର, ବିରାଟ ପଣ୍ଡା, ମନୋଜ ବେହେରା, ଦେବବ୍ରତ ରାଜଗୁରୁ, ଅସିତ୍ ମହାନ୍ତି, ରମାକାନ୍ତ ଚିଞ୍ଚୁଆଣ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁନିଗୁଡା ନିକଟସ୍ଥ କୁତ୍ରାଗଡଠାରେ ନେହେରୁ ଯୁବକେନ୍ଦ୍ର ତରଫରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଜିଲା ପରିଷଦ ତଥା ଭାଜପା ଜିଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରା ଯୋଗଦେଇ ରାଷ୍ଟ୍ରୀୟ ଏକତା ଦିବସ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ।

## ■ ଗୋଏଲକଣାରେ ମରୁଡି ପରିସ୍ଥିତି

# ନଷ୍ଟ ହେଲାଣି ୧୭ ଏକର ଧାନ ଫସଲ

**ବିଷମକଟକ, ୩୧।୧୦(ଡି.ଏନ୍.ଏ.)**

ରାୟଗଡା ଜିଲା ବିଷମ କଟକ ବ୍ଲକ ଗୋଏଲକଣା ଗାଁ ରେ ଏବେ ମରୁଡି ପରିସ୍ଥିତିଉପୁଜିଛି। ଏଠାରେ ଜଳସେଚନର କୌଣସି ବିକଳ୍ପ ନ ଥିବା ବେଳେ ଚାଷୀ କେବଳ ବର୍ଷାଜଳ ଉପରେ ନିର୍ଭର କରୁଛନ୍ତି। ଚଳିତବର୍ଷ ଚାଷ ଆରମ୍ଭ ବେଳକୁ ଭଲ ବର୍ଷା ହୋଇଥିବା ଚାଷୀମାନେ ଦୀର୍ଘ ମିଆଦୀ ଧାନ ଲଗେଇଥିଲେ। କିନ୍ତୁ ବର୍ଷା ଅଭାବରୁ ଏହି ଧାନ ଫସଲ ଗୁଡିକରେ କେଣ୍ଡା ବାହାରିପାରୁନାହିଁ। ଏଠାରେ ପ୍ରାୟ ୧୭ ଏକର ଧାନଜମି ଶୁଖିବାକୁ ବସିଥିବା ବେଳେ ଚକଡା ପୋକ ସବୁ ଧାନ ଗଛଗୁଡିକୁ ନଷ୍ଟ କରିସାରିଲେଣି। ଆଗକୁ ଆଉ ବର୍ଷା ହେବାର ସମ୍ଭାବନା ନ ଥିବା ତଥା ଚାଷ ନଷ୍ଟ ହେବା ଯୋଗୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷୀ ମୋହନ ପ୍ରସ୍କାଙ୍କ ୫ ଏକର, ରାମ ହୁଇକଙ୍କ ୪ ଏକର, କିଶୋର କୁତ୍ରୁକଙ୍କ ୨ଏକର, ବିକ୍ରମ ହୁଇକଙ୍କ ୨ଏକର ଓ ଆଜିସଓ କାଣ୍ଡମକଙ୍କ ୪ ଏକର ଜମି ବର୍ଷା ଅଭାବରୁ ଓ ପୋକ ଲାଗିବାରୁ ଉଜୁଡି ଯାଇଛି। ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ ଆଣି ଚାଷ କରିଥିବା ବେଳେ ଏହାକୁ କିଭଳି ଶୁଝିବେ ବର୍ତ୍ତମାନ ଚିନ୍ତାର କାରଣ ବୋଲି ଚାଷୀମାନେ କହିଛନ୍ତି। ଏଯାବତ୍ କୌଣସି କୃଷି ଅଧିକାରୀ ସେଠାରେ ପହଞ୍ଚି ନ ଥିବା ସେମାନେ କହିଛନ୍ତି।

